# ବ୍ରହ୍ମପୁର ମହାନଗର ନିଗମ

ବିଜ୍ଞପ୍ତି ପତ୍ର ସଂଖ୍ୟା. 5624                                    ତା. 17.04.2025

## ମଳ ଉପଚାର କେନ୍ଦ୍ରର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀଙ୍କ ପାଇଁ ଅଭିବ୍ୟକ୍ତି ପ୍ରକାଶନ

ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମଏସଜି / ଏଏଲଏଫ / ସିଏଲଏଫ / ଟି.ଜି ଟ୍ରାନ୍ସଜେଣ୍ଡର) ଗୋଷ୍ଠୀମାନଙ୍କଠାରୁ ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଥିବା ମଳଉପଚାର କେନ୍ଦ୍ର (ଏଫଏସଟିପି)ର ପରିଚାଳନା ନିମନ୍ତେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ଆହ୍ୱାନ କରାଯାଉଛି ।

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଥିବା (ମୋହୁଡା ଏବଂ ଶିତଳାପଲ୍ଲୀ) ଠାରେ ମଳ ଉପଚାର କେନ୍ଦ୍ର(ଏଫଏସଟିପି)ର ପରିଚାଳନା ପାଇଁ ୦୧ ବର୍ଷ ନିମନ୍ତେ ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ( ଏମଏସଜି / ଏଏଲଏଫ / ସିଏଲଏଫ / ଟି.ଜି ଟ୍ରାନ୍ସଜେଣ୍ଡର) ମାନଙ୍କଠାରୁ ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ସଂଲଗ୍ନ ସର୍ତାବଳୀ ମୁତାବକ ଆହ୍ୱାନ କରୁଛନ୍ତି । ଏହି ମୁଦା ଲଫାପାରେ ଅଭିବ୍ୟକ୍ତି ପ୍ରକାଶନ (ଏକ୍ସପ୍ରେସନ ଅଫ ଇଂଟରେଷ୍ଟ) ସଂପୃକ୍ତ ମହାନଗର ନିଗମର ସିଂଗଲେ ୱେଇଡୋ (Single Window)ରେ ତା 03.05.2025ଅପରାହ୍ନ ୫ ଘଟିକା ସୁଦ୍ଧା ପକାଇବା ଆବଶ୍ୟକ । ମୁଦାଲଫାପା ଉପରେ ସଂପୃକ୍ତ ଆବେଦନକାରୀ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ (ଏମଏସଜି / ଏଏଲଏଫ / ସିଏଲଏଫ / ଟି.ଜି ଟ୍ରାନ୍ସଜେଣ୍ଡର) ଗୋଷ୍ଠୀର ନାମ ଓ ଠିକଣା ଲିପିବଦ୍ଧ ରହିବା ଆବଶ୍ୟକ ।

| କ୍ରମିକ ସଂଖ୍ୟା | ମଳ ଉପଚାର କେନ୍ଦ୍ର ର ନାମ ଏବଂ ଠିକଣା | କ୍ଷମତା | କେଉଁ ୱାର୍ଡ ଆବେଦନ କରିପାରିବେ |
|---|---|---|---|
| ୧ | ମଳ ଉପଚାର କେନ୍ଦ୍ର, ମହୁଡା, ବ୍ରହ୍ମପୁର -୧ (SeTP –I) | ୪୦ ହଜାର ଲିଟର ଦିନକୁ | ୱାର୍ଡ - ୧ ରୁ ୨୧ |
| ୨ | ମଳ ଉପଚାର କେନ୍ଦ୍ର, ଶୀତଳାପଲ୍ଲୀ, ବ୍ରହ୍ମପୁର- ୨ (SeTP-II) | ୬୦ ହଜାର ଲିଟର ଦିନକୁ | ୱାର୍ଡ - ୨୨ ରୁ ୪୨ |

**ଏହି କାର୍ଯ୍ୟ ଅନୁଯାୟୀ ନିମ୍ନ ମାନବ ସମ୍ବଳ ଆବଶ୍ୟକ:**

**1. ଉପଚାର କେନ୍ଦ୍ର ପରିଚାଳକ (ଏକଗୋଟି): ଟ.୧୫୨୫୦/- / ମାସିକ ଦରମା**

i. ସଦସ୍ୟ ଚୟନ ହୋଇଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି (ଏମଏସଜି) / ଏଏଲଏଫ / ସିଏଲଏଫ / ଟିଜି (ଟ୍ରାନ୍ସଜେଣ୍ଡର) ଗୋଷ୍ଠୀରୁ ହୋଇଥିବା ଦରକାର ।

ii. FSTP ପାଇଁ ବିକଶିତ ମାନକ ଅନୁଯାୟୀ ପ୍ରତ୍ୟେକ ଇଣ୍ଟରଫେସର ପରୀକ୍ଷା କରିବେ । ସମସ୍ତ ତଥ୍ୟର ରେକର୍ଡ ଏବଂ ପ୍ଲାଣ୍ଟରେ ଆବଶ୍ୟକ ହେଉଥିବା ସମସ୍ତ ଉପଯୋଗୀ ସାମଗ୍ରୀର ତାଲିକା, FSTP କୁ ଆସୁଥିବା ସେସପୁଲ୍ ଯାନଗୁଡିକର ରେକର୍ଡ ଏବଂ ସେମାନଙ୍କର ସମୟ, ଯାନ ପ୍ରକାର ଏବଂ କ୍ଷମତାର ରେକର୍ଡ ରଖିବେ ।

iii. ଗୋଷ୍ଠୀକୁ ସାହାଯ୍ୟ କରିବେ ଏବଂ BeMC ସହିତ ସମନ୍ୱୟ ରଖିବେ ।

iv. OWSSB ଏବଂ ମହାନଗର ନିଗମଠାରୁ ଦରକାର ପଡ଼ିଲେ ବୈଷୟିକ ସହାୟତା ନେବେ । FSTP ଚଲେଇବା ପାଇଁ ମାନକକୁ ଅନୁସରଣ କରିବେ ।

**2. ବୈଷୟିକ ପରାମର୍ଶଦାତା (ଏକଗୋଟି): ଟ.୧୫୨୫୦/- / ମାସିକ ଦରମା**

i. **ବୈଷୟିକ ପରାମର୍ଶଦାତା (TRP)** ଗୋଷ୍ଠୀ ଦ୍ୱାରା ନିଯୁକ୍ତ ହେବେ ।

ii. ଯୋଗ୍ୟତା: BSc. ରସାୟନ ବିଜ୍ଞାନ / MSc. ରସାୟନ ବିଜ୍ଞାନ / MSc. ବାୟୋକେମିଷ୍ଟ୍ରି / MSc. ପରିବେଶ ବିଜ୍ଞାନ କିମ୍ବା ଯେ କୌଣସି ରସାୟନ ଡିଗ୍ରୀରେ ଶିକ୍ଷାଗତ ଯୋଗ୍ୟତା ଥିବା ଆବଶ୍ୟକ | ଯେ କୌଣସି ପରୀକ୍ଷାଗାରରେ ଜଳ, ବର୍ଜ୍ୟଜଳ ପରୀକ୍ଷଣ କାର୍ଯ୍ୟ କରିବାର ସର୍ବନିମ୍ନ ୦୧ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ |

iii. ତଥ୍ୟ ସଂଗ୍ରହ, ପରୀକ୍ଷଣ ଏବଂ ରିପୋର୍ଟ ଏବଂ ଡିଜିଟାଲ ଡାଟାବେସ୍ ପରିଚାଳନା, ଇଂରାଜୀ ଭାଷା ଜ୍ଞାନ(ପଢିବା, ଲେଖିବା ଏବଂ କହି ପାରୁଥିବା କଥା) ଏବଂ ଓଡିଆ ଭାଷା ଜ୍ଞାନ(କହିପାରୁଥିବା କଥା) ଥିବା ଆବଶ୍ୟକ ।

iv. କାର୍ଯ୍ୟ ଅବଧି: ଗୋଷ୍ଠୀର ଚୁକ୍ତିନାମା ଅବଧି ଅନୁଯାୟୀ (ଟେକ୍ନିକାଲ ରିସୋର୍ସ ପରସନ ସାପ୍ତାହିକ ୬ ଦିନ କାର୍ଯ୍ୟ କରିବେ)

**3. ପରିମଳ କର୍ମଚାରୀ (୫ଜଣ): ଟ.୧୩୫୦୦/- / ମାସିକ ଦରମା ଜଣକପିଛା**

i. FSTP ରେ ସ୍ୱଚ୍ଛତା ଏବଂ ପରିମଳ ନିଶ୍ଚିତ କରିବେ |

ii. ସେସପୁଲ୍ ଯାନରୁ ଫେକାଲ୍ ସେପ୍ଟେଜ୍ ବିସର୍ଜନ / ଖାଲି କରିବାରେ ଡ୍ୟୁଟି, ଡିସଚାର୍ଜ କରିବା, ସ୍କ୍ରିନିଂ ଚାମ୍ବରରେ ସଫେଇ କରିବା |

iii. ଫେକାଲ୍ ସ୍ଲଜ ବିସର୍ଜନ ପରେ ଯାନ ସଫେଇ କରିବେ |

iv. ସ୍ଲଜ ଶୁଖାଇବା ବେଡରୁ ଷ୍ଟୋରେଜ୍ ୟାର୍ଡରେ ନେଇ ରଖିବେ |

v. ବାୟୋ-ସଲିଡ୍ ଏବଂ ବିଶୋଧିତ ବର୍ଜ୍ୟଜଳର ପୁନଃ ବ୍ୟବହାର |

vi, କାର୍ଯ୍ୟ ସମୟରେ PPEର ଉପଯୁକ୍ତ ବ୍ୟବହାର |

**4. ରାତ୍ର ଜଗୁଆଳ ((ଏକଗୋଟି): ଟ.୧୨୦୦୦/- / ମାସିକ ଦରମା**

i. ନାଇଟ ସିକ୍ୟୁରିଟି ଗାର୍ଡ଼ ଗୋଷ୍ଠୀ ଦ୍ୱାରା ନିଯୁକ୍ତ |

ii. ସମୟର ରେକର୍ଡ ଦାଖଲ କରିବେ |

iii. FSTP ନିରାପତ୍ତା ବଜାୟ ରଖିବେ |

iv. ଗୋଷ୍ଠୀର କାର୍ଯ୍ୟ ସମାପ୍ତ ହେଲା ପରେ, ତାଙ୍କ ଅନୁପସ୍ଥିତିରେ ସେସପୁଲ୍ ଟ୍ରକ୍ ଗୁଡ଼ିକର ଟ୍ରିପ, ଗାଡି ସଂଖ୍ୟା ରେକର୍ଡ ରଖିବେ

**5. କାର୍ଯ୍ୟ ସୂଚୀ**

i. ଫିକାଲ୍ ସ୍ଲଜ (ସେପ୍ଟେଜ୍ ବା ସେପ୍ଟିକ ଟାଙ୍କିରୁ ବାହାରିଥିବା ତରଳ ପଦାର୍ଥ) ପରିଚାଳନାରେ ସଂଗ୍ରହ, ଉପଚାର ଏବଂ ଉପଯୁକ୍ତ ନିଷ୍କାସନ / ନିରାପଦ ପୁନଃ ବ୍ୟବହାର |

ii. କାର୍ଯ୍ୟ ନିର୍ବାହ ଏବଂ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଗୋଷ୍ଠୀ ନିଜର ସଦସ୍ୟମାନଙ୍କୁ FSTPର ବୈଷୟିକ ତାଲିମ ସହିତ ନିୟୋଜିତ କରିବେ |

iii. ଗୋଷ୍ଠୀର ଚୟନ ପରେ, ଗୋଷ୍ଠୀ ନିଜର ସମସ୍ତ ସଦସ୍ୟଙ୍କର ଏକ ଦସ୍ତଖତ ହୋଇଥିବା ତାଲିକା ଏବଂ ରିଜୋଲ୍ୟୁସନ୍ ଦେବେ, ଯେଉଁଥିରେ FSTPରେ ନିୟୋଜିତ ହେବାକୁଥିବା ସଦସ୍ୟଙ୍କ (ନ୍ୟସ୍ତ ଭୂମିକା ସହ ) ନାମ ରହିବ । ଏଥିରେ କୌଣସି ପରିବର୍ତ୍ତନ BeMCର ଅନୁମୋଦନ ବିନା ହେବ ନାହିଁ | ଗୋଷ୍ଠୀ ଦ୍ୱାରା FSTPରେ ନିୟୋଜିତ ଥିବା ସଦସ୍ୟମାନଙ୍କୁ ବଦଳି କରିବାର କୌଣସି ଆବଶ୍ୟକତା ହେଲେ, ଏହାକୁ ଦୁଇ ସପ୍ତାହ ପୂର୍ବରୁ BeMC କୁ ଜଣାଇବା ଦରକାର |

iv. ଚୟନ ହୋଇଥିବା ଗୋଷ୍ଠୀ କୌଣସି ବ୍ୟକ୍ତିଙ୍କୁ ଆବାସିକ ଉଦ୍ଦେଶ୍ୟରେ FSTPର ସର୍ବସାଧାରଣ ସୁବିଧା ବ୍ୟବହାର କରିବାକୁ ଅନୁମତି ଦେବେ ନାହିଁ ଏବଂ କୌଣସି ପ୍ରାଣୀ, ବ୍ୟକ୍ତିଗତ ମୋଟର ଯାନକୁ FSTPରେ କିମ୍ବା ଏହାର ଆଖପାଖରେ ରଖିବାର ଅନୁମତି ଦେବେ ନାହିଁ |

v. ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଅନୁମୋଦନ ଅନୁଯାୟୀ ପ୍ରତ୍ୟେକ ୟୁନିଟ୍ ଚାରିପାଖରେ ଫୁଲ ଏବଂ ଅନ୍ୟାନ୍ୟ ଗଛ ଲଗାଇବାକୁ ଗୋଷ୍ଠୀକୁ ଅନୁମତି ଦିଆଯିବ |

vi. ଗୋଷ୍ଠୀ ଅନ୍ୟମାନଙ୍କୁ କମିଶନ ଆଧାରରେ କାର୍ଯ୍ୟର କୌଣସି ଅଂଶ କିମ୍ବା ସମ୍ପୂର୍ଣ ଲିଜ୍ ପ୍ରଦାନ କରିବ ନାହିଁ | ଯଦି ଏପରି ଆଚରଣ ଦେଖାଯାଏ, BeMC ଚୁକ୍ତିନାମାକୁ ବାତିଲ କରିପାରେ |

vii. ଗୋଷ୍ଠୀ ଶିଶୁ ଶ୍ରମିକ (ବୟସ ୧୮ବର୍ଷରୁ କମ୍)ଙ୍କୁ ନିୟୋଜିତ କରିବେ ନାହିଁ ଏବଂ ଶ୍ରମିକମାନଙ୍କୁ ସାପ୍ତାହିକ ଛୁଟି ନେବାକୁ ଅନୁମତି ଦେବେ |

viii. ମାସର ଅନୁପସ୍ଥିତ ଦିନରେ ଗୋଷ୍ଠୀ ସଦସ୍ୟଙ୍କ ବେତନ କାଟ ହେବ |

ix. କେବଳ ସଦସ୍ୟ ଯେଉଁମାନେ OWSSB ଦ୍ୱାରା ବାଧ୍ୟତାମୂଳକ ବୈଷୟିକ ତାଲିମ ନେଇଛନ୍ତି, ସେମାନେ ହିଁ FSTPରେ ନିୟୋଜିତ ହେବେ |

x. ଯଦି କୌଣସି ଦିନ କୌଣସି ସଦସ୍ୟ ଆସିବାକୁ ଅକ୍ଷମ ହେବେ ତାହେଲେ, ତାଙ୍କ ସ୍ଥାନରେ ତାଲିମ ନେଇ ଥିବା କୌଣସି ସଦସ୍ୟଙ୍କୁ କାର୍ଯ୍ୟରେ ଜଡିତ କରାଯାଇ ପାରିବ | ଗୋଷ୍ଠୀ ଏମିତି ପରିସ୍ଥିତି ପାଇଁ ସର୍ବଦା ତାଲିମ ପ୍ରାପ୍ତ ଅତିରିକ୍ତ ସଦସ୍ୟଙ୍କୁ ପ୍ରସ୍ତୁତ ରଖୁଥିବେ |

xi. ଗୋଷ୍ଠୀ ଏହି ପ୍ରକଳ୍ପ ପାଇଁ ପ୍ଲାଣ୍ଟ ମ୍ୟାନେଜର ଭାବରେ FSTPରେ ନିୟୋଜିତ ବିଦ୍ୟମାନ ସଦସ୍ୟଙ୍କ ଠାରୁ ଜଣେ ସଦସ୍ୟଙ୍କୁ ମନୋନୀତ କରିବେ, ଯିଏ ସମସ୍ତ ହିତାକାରୀଙ୍କ ସହ ସମନ୍ୱୟ ରକ୍ଷା କରିବ | ଉପଚାର କେନ୍ଦ୍ର ପରିଚାଳକ/ ଗୋଷ୍ଠୀ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ କୌଣସି ଅସୁବିଧା ପାଇଁ ରିପୋର୍ଟ କରିପାରିବେ |

xii. ଗୋଷ୍ଠୀ ନିଶ୍ଚିତ କରିବେ ଯେ FSTP ସର୍ବଦା ସୁପରିଚାଳିତ ଏବଂ ପରିଷ୍କାର ରହିବ | ଏହି ପ୍ଲାଣ୍ଟ ଦ୍ୱାରା କୌଣସି ପାଖରେ ଥିବା ବାସିନ୍ଦାଙ୍କ ପାଇଁ କୌଣସି ଅସୁବିଧା କିମ୍ବା ବିଶୃଙ୍ଖଳା ସୃଷ୍ଟି ନ ହୁଏ ।

xiii. ଗୋଷ୍ଠୀ ପ୍ରଦୂଷଣ ବା ସମ୍ପତ୍ତି କ୍ଷତିଗ୍ରସ୍ତ ନ ହେବ ପାଇଁ ଯୁକ୍ତିଯୁକ୍ତର ପଦକ୍ଷେପ ଗ୍ରହଣ କରିବେ ।

xiv. ଗୋଷ୍ଠୀ ପରିବେଶ ସୁରକ୍ଷା ପାଇଁ ଥିବା ସରକାରଙ୍କ ନିୟମାବଳୀ ପାଳନ କରିବେ ।

xv. ଗୋଷ୍ଠୀ ସଦସ୍ୟ ସେସପୁଲ୍ ପରିଚାଳନା କରୁଥିବା ପରିମଳ କର୍ମଚାରୀଙ୍କୁ FSTPରେ ଗାଧୋଇବା, ଧୋଇବା ଏବଂ ଶୌଚାଳୟ ସୁବିଧା ବ୍ୟବହାର ପାଇଁ ଅନୁମତି ଦେବେ |

xvi. ସିକ୍ୟୁରିଟି ଗାର୍ଡ଼ ପ୍ରତି ରାତିରେ ପ୍ଲାଣ୍ଟରେ ରହିବା ଦରକାର |

xvii. ଗୋଷ୍ଠୀ FSTPକୁ ସପ୍ତାହରେ ସାତ ଦିନ ଚଳାଇବା | ପ୍ରତ୍ୟେକ ଦିନ FSTP ରେ ଦୁଇଟି ସିଫ୍ଟ ରହିବ ଏବଂ ପ୍ରତି ସିଫ୍ଟର ଅବଧି ୮ ଘଣ୍ଟା ରହିବ | ପ୍ରଥମ ସିଫ୍ଟ ସକାଳ ୮ ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୪ ରେ ଶେଷ ହେବ, ଦ୍ୱିତୀୟ ସିଫ୍ଟ ସକାଳ ୧୦ ରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ଚାଲିବ ।

xviii. ଯଦି ଏକ ସେସପୁଲ୍ ଗାଡି ସନ୍ଧ୍ୟା ୬ ଟା ପରେ ପ୍ଲାଣ୍ଟକୁ ଆସେ, ତେବେ ସୁରକ୍ଷା କର୍ମୀ ଗୋଷ୍ଠୀ ସହ ସମନ୍ୱୟ କରିବେ ଏବଂ ସ୍ଲଜ ନିଷ୍କାସନ କରିବେ | ଆର ଦିନ ସକାଳକୁ ଗୋଷ୍ଠୀର ପରିମଳ କର୍ମଚାରୀ ପ୍ଲାଟଫର୍ମର ଇତ୍ୟାଦି ସଫା କରିବେ |

xix. FSTP ପରିଚାଳନା କରୁଥିବା ଗ୍ରୁପ୍ ଏକ ମାସରେ ୩୦ ଦିନ କାର୍ଯ୍ୟ କରିବେ ଯେଉଁଥିରେ ଦରମା ସହିତ ୪ ଦିନ ଛୁଟି ଅନ୍ତର୍ଭୁକ୍ତ ଥିବ |

xx. ଗୋଷ୍ଠୀ ଦୈନିକ ଉପସ୍ଥିତି ଏବଂ ନିୟୋଜନ ରେକର୍ଡ ପ୍ଲାଣ୍ଟର ରେଜିଷ୍ଟରରେ ଦାଖଲ କରିବେ, ଯାହା ମାସ ଶେଷରେ ନୋଡାଲ୍ ଅଫିସରଙ୍କ ଦ୍ୱାରା ଯାଞ୍ଚ କରାଯିବ |

xxi. BeMC ଦ୍ୱାରା ନିୟମିତ ଦକ୍ଷତା ବୃଦ୍ଧି, ସମୀକ୍ଷା ଏବଂ ମନିଟରିଂ ହେବ |

xxii. ଗୋଷ୍ଠୀ FSTPର ମାସିକ ରିପୋର୍ଟ ନିୟମିତ ଭାବରେ ମହାନଗର ନିଗମକୁ ପଠାଇବେ |

xxiv. SeTPରେ କୌଣସି ବିବାଦ କିମ୍ବା ବିପଜ୍ଜନକ ଘଟଣା ବିଷୟରେ ଗୋଷ୍ଠୀ BeMCକୁ ସଂଗେ ସଂଗେ ଖବର କରିବେ ।

xxv. ଗୋଷ୍ଠୀ କେବଳ ମହାନଗର ନିଗମ ଦ୍ୱାରା ପ୍ରାଧୀକୃତ ବ୍ୟକ୍ତି ଏବଂ ଯାନକୁ ହିଁ FSTP ଭିତରେ ଆସିବାକୁ ଅନୁମତି ଦେବେ ।

xxvi. ଗୋଷ୍ଠୀ ପ୍ରତେକ ଦିନ FSTPର କେତୋଟି ଟ୍ରିପ ହେଲା ଏହି ତଥ୍ୟ ମହାନଗର ନିଗମକୁ ପଠାଇବେ ।

xxvii. କଣ୍ଟ୍ରାକ୍ଟ ଅବଧିଃ ୧ ବର୍ଷ । ଏକ ମୂଲ୍ୟାଙ୍କନ କମିଟି ଗଠନ କରି BeMC ଦ୍ୱାରା ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ପରେ ସେବା ଅବଧିର ନବୀକରଣ ୧୨ ମାସ ପାଇଁ ବୃଦ୍ଧି କରାଯାଇପାରେ ।

**6. <u>ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା</u>**

1. ମିଶନଶକ୍ତି ଗୋଷ୍ଠୀ, ଏଫଏସଟିପି ସ୍ଥିତ ୱାର୍ଡ଼ରୁ ହୋଇଥିଲେ ତାଙ୍କ ଆବେଦନକୁ ଅଗ୍ରାଧିକାର ଦିଆଯିବ । ଯଦି କୋଣସି କାରଣ ପାଇଁ ଏଫଏସଟିପି ସ୍ଥିତ ୱାର୍ଡ଼ରୁ ଗୋଷ୍ଠୀ ଚୟନ ହୋଇପାରେ ନାହିଁ, ସେ ସମୟରେ ଅନ୍ୟ ୱାର୍ଡ଼ର ମିଶନ ଶକ୍ତି ଗୋଷ୍ଠୀଙ୍କ ଆବେଦନ ଉପରେ ବିଚାର କରାଯିବ ।
2. ମିଶନଶକ୍ତି ଗୋଷ୍ଠୀ ଆବେଦନ ପତ୍ର ଦେବା ସମୟରେ ଅତିକମରେ ତିନି ବର୍ଷ ପୂର୍ବରୁ ଗଠନ ହୋଇଥିବା ଦରକାର । ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକରେ ସଫଳ ରୂପାୟନରେ ଅଭିଜ୍ଞତା ଥିବା ମିଶନ ଶକ୍ତି ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।
3. ମିଶନଶକ୍ତି ଗୋଷ୍ଠୀ ସଦସ୍ୟ ପଞ୍ଚସୂତ୍ରକୁ ପ୍ରତିବଦ୍ଧତା ସହିତ ପାଳନ କରୁଥିବେ ।
4. ମିଶନଶକ୍ତି ଗୋଷ୍ଠୀ ଯେକୌଣସି ଆୟ ଉତ୍ପାଦନ କାର୍ଯ୍ୟକଳାପରେ ସର୍ବନିମ୍ନ ୨ବର୍ଷ ପର୍ଯ୍ୟନ୍ତ ଜଡ଼ିତ ହୋଇଥିବା ଆବଶ୍ୟକ ।
5. ମିଶନଶକ୍ତି ଗୋଷ୍ଠୀର ପରିଚାଳନା ସମୟର ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୧ ଲକ୍ଷ ଟଙ୍କାର କାରବାର ହୋଇଥିବା ଆବଶ୍ୟକ ।
6. ମିଶନଶକ୍ତି ଗୋଷ୍ଠୀର କୌଣସି ଆର୍ଥିକ ଅନିୟମିତତା, ଯେପରିକି NPA ଘୋଷିତ ଋଣ ଇତ୍ୟାଦି ହୋଇନଥିବ ।
7. ମିଶନଶକ୍ତି ଗୋଷ୍ଠୀ ସଦସ୍ୟ ବର୍ତମାନ କିମ୍ବା ଅତୀତରେ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହୋଇନଥିବେ ।
8. ମିଶନଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଥିବା ଆବଶ୍ୟକ ।

**<u>ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ :</u>**

1. ମିଶନଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ ।
2. ମିଶନଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ ।
3. ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ ।
4. ମିଶନଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ ।
5. ମିଶନଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ ।
6. ମଳଉପଚାର କେନ୍ଦ୍ରର ପରିଚାଳନାରେ ଭାଗ ନେବା ପାଇଁ ସଂପୃକ୍ତ ଆବେଦନକାରୀ ତାଙ୍କର ରଜୋଲୁସନ ଖାତାରେ ଲିପିବଦ୍ଧ କରିଥିବେ ଏବଂ ଏହାର ନକଲ ଉପରୋକ୍ତ ଆବେଦନ ପତ୍ରରେ ସଂଯୁକ୍ତ କରିବେ ।

7. ମିଶନଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀକ ସ୍ୱାକ୍ଷର ଏବଂ ମୋହର ସହିତ) ।

8. ମିଶନଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର |

9. ମିଶନଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ |

10. ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) |

11. ଆବେଦନକାରୀ ଗୋଷ୍ଠି ମେମ୍ୱରମାନଙ୍କର ଆଧାର କାର୍ଡ କପି / ଭୋଟର କାର୍ଡ କପି, ଶିକ୍ଷାଗତ ଯୋଗ୍ୟତାର ନକଲ ଏବଂ ଗ୍ରୁପ ଫୋଟୋ ଦରଖାସ୍ତ ସହ ସଂଲଗ୍ନ କରିବେ |

12. ସଂଘର ସଭାପତି ଓ ସମ୍ପାଦକ ଦରଖାସ୍ତ (ଆବେଦନ ଫର୍ମ) ସହିତ ସେମାନଙ୍କର ସଂଘର ମୋହର ଲଗାଇ ଆବେଦନ କରିବେ |

ଏ ବିଷୟରେ ଅତିରିକ୍ତ ସୂଚନା ପାଇଁ ବ୍ରହ୍ମପୁର ମହାନଗର ନିଗମ ୱେବସାଇଟ www.berhampur.gov.in ରେ ଉପଲବ୍ଧ ଅଛି |

ସଂଲଗ୍ନକ: ମିଶନଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

ଜ୍ଞାପକ ସଂଖ୍ୟା 5629

ତାରିଖ 17.04.2025

ଏହାର ଏକକିତା ନକଲ ଡି.ଆଇ.ଓ ଅବଗତି ଏବଂ _______ ତାରିଖ ସୁଦ୍ଧା ଦୁଇଗୋଟି ଓଡ଼ିଆ ଖବର କାଗଜରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ଓ ଏନ. ଆଇ.ସି. ପୋର୍ଟାଲରେ ପୋଷ୍ଟ କରିବା ପାଇଁ ଅନୁରୋଧ କରାଯାଇଛି |

ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

ଜ୍ଞାପକ ସଂଖ୍ୟା 5630

ତାରିଖ 17.04.2025

ଏହାର ଏକକିତା ନକଲ ଅଫିସ ନୋଟିସ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ବହୁଳ ପ୍ରସାର ନିମନ୍ତେ ଏହାକୁ ତାଙ୍କର ନୋଟିସ ବୋର୍ଡ଼ରେ ପ୍ରକାଶନ କରିବେ |

ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

# ମିଶନଶକ୍ତି ଗୋଷ୍ଠୀ ପାଇଁ ଆବେଦନ ଫର୍ମ

| | | ବିବରଣୀ |
|---|---|---|
| | ମିଶନଶକ୍ତି ଗୋଷ୍ଠୀର ନାମ | |
| | ଠିକଣା | |
| | ୱାର୍ଡ଼ ସଂଖ୍ୟା | |
| | ଗୋଷ୍ଠୀ ଗଠନ ତାରିଖ | |
| | ଗୋଷ୍ଠୀ ସଦସ୍ୟ ସଂଖ୍ୟା | |
| | ସଭାନେତ୍ରୀଙ୍କ ନାମ | |
| | ସଭାନେତ୍ରୀଙ୍କ ଫୋନ ନମ୍ବର | |
| | ସେକ୍ରେଟେରୀଙ୍କ ନାମ | |
| | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| | ଶ୍ରେଣୀକରଣ (Gradation) ହୋଇଛି? (ହଁ/ ନାହିଁ) | |
| | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି? | |
| | ଆକାଉଣ୍ଟ ସଂଖ୍ୟା | |
| | ମିଶନ ଶକ୍ତି ଗୋଷ୍ଠୀର PAN କାର୍ଡ ସଂଖ୍ୟା | |
| | RF/Seed ପାଇଛନ୍ତି? (ହଁ/ନାହିଁ ) | |
| | ଗୋଷ୍ଠୀର ପୂର୍ବ କାର୍ଯ୍ୟକଳାପ (Work order copy ସଂଲଗ୍ନ କରିବେ) | |
| | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) (ପାସ୍ ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ) | |
| | ମିଶନ ଶକ୍ତି ଗୋଷ୍ଠୀ ପରିଚାଳନା ଆରମ୍ଭ ସମୟରୁ କେତେ ଟଙ୍କା ଋଣ ନେଇଛନ୍ତି ? | |
| | ଗୋଷ୍ଠୀର ଋଣ ଦେୟ କିମ୍ବା ରେକର୍ଡ ରଖିବାରେ କୌଣସି ଆର୍ଥିକ ଅନିୟମିତତା ହୋଇଛି କି? (ହଁ/ ନାହିଁ) | |
| | ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ହୋଇଛି? (ହଁ/ନାହିଁ) | |
| | ଅତୀତ କିମ୍ବା ବର୍ତମାନରେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଜଡିତ ହୋଇଛନ୍ତି କି? (ହଁ/ନାହିଁ) | |
| | କେଉଁ ମଳଉପଚାର କେନ୍ଦ୍ରରର କାର୍ଯ୍ୟ ନେବାକୁ ଇଛୁକ? | |

ସେକ୍ରେଟେରୀଙ୍କ ସ୍ୱାକ୍ଷର
(ମୋହର ସହିତ)

ସଭାନେତ୍ରୀଙ୍କ ସ୍ୱାକ୍ଷର
(ମୋହର ସହିତ)

**ସଂଲଗ୍ନ (ଯେଉଁ କାଗଜ ସଂଲଗ୍ନ କରିଛନ୍ତି ଟିକ (√) କରନ୍ତୁ):**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ଗ୍ରେଡ଼େସନର ନକଲ ।
- ଆୟ ଉତ୍ପାଦନ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିବାର ପ୍ରମାଣ ପତ୍ର କିମ୍ବା ରେଜୋଲୁସନର ନକଲ ।
- ମିଶନ ଶକ୍ତି ଗୋଷ୍ଠୀର ପାସ୍‌ବୁକର ନକଲ, ଯେଉଁଥିରେ ଗତ ତିନିବର୍ଷ ମଧ୍ୟରେ ଯେକୌଣସି ଗୋଟିଏ ଆର୍ଥିକ ବର୍ଷରେ ଅତି କମରେ ୨ ଲକ୍ଷ ଟଙ୍କାର କାରବାର ହୋଇଥିବାର ପ୍ରମାଣ ଥିବ ।

- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଋଣ ଖାତାର ନକଲ ।
- ପାସ୍‌ବୁକର ପ୍ରଥମ ଓ ଅନ୍ତିମ ପୃଷ୍ଠା ସଂଲଗ୍ନ କରନ୍ତୁ ।
- ମିଶନ ଶକ୍ତି ଗୋଷ୍ଠୀ କୌଣସି ସମାଜ ବିରୋଧୀ କିମ୍ୱା ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ନହୋଇଥିବାର ଘୋଷଣା ପତ୍ର (ସଭାନେତ୍ରୀଙ୍କ ସ୍ୱାକ୍ଷର ଏବଂ ମୋହର ସହିତ) ।
- ମିଶନ ଶକ୍ତି ଗୋଷ୍ଠୀର ବ୍ୟାଙ୍କ ଲିଙ୍କେଜ୍ ପ୍ରମାଣ ପତ୍ର ।
- ମିଶନ ଶକ୍ତି ଗୋଷ୍ଠୀର ପ୍ୟାନ୍ କାର୍ଡର ନକଲ ।
- ମୁକ୍ତା, ଆହାର, ଏଫଏସଟିପି ଇତ୍ୟାଦି ସରକାରୀ ପ୍ରକଳ୍ପଗୁଡିକର ସଫଳ ରୂପାୟନର ପ୍ରମାଣ ପତ୍ର (କାର୍ଯ୍ୟାଦେଶ ଇତ୍ୟାଦି, ଯଦି ଉପଲବ୍ଧ ଅଛି) ।
- ଆବେଦନକାରୀ ଗୋଷ୍ଠି ମେମ୍ୱରମାନଙ୍କର ଆଧାର କାର୍ଡ କପି । ଭୋଟର କାର୍ଡ କପି, ଶିକ୍ଷାଗତ ଯୋଗ୍ୟତାର ନକଲ ଏବଂ ଗ୍ରୁପ ଫୋଟୋ ଦରଖାସ୍ତ ସହ ସଂଲଗ୍ନ କରିବେ ।
- ମଳଉପଚାର କେନ୍ଦ୍ରର ପରିଚାଳନାରେ ଭାଗ ନେବା ପାଇଁ ସଂପୃକ୍ତ ଆବେଦନକାରୀ ତାଙ୍କର ରଜୋଲୁସନ ଖାତାରେ ଲିପିବଦ୍ଧ କରିଥିବେ ଏବଂ ଏହାର ନକଲ ଉପରୋକ୍ତ ଆବେଦନ ପତ୍ରରେ ସଂଯୁକ୍ତ କରିବେ ।